# ଶୈଳଶ୍ରୀକ୍ଷେତ୍ରରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ।

## Preparatory metting for Car & Return Car festival at Sailashreekhetra,Angul

## ଶ୍ରୀ ଜିଉମାନଙ୍କର ସୁନାବେଶ ଓ ରଥଯାତ୍ରାର ରୀତିନୀତି ସମ୍ପର୍କରେ ଆଲୋଚନା ।

ଅନୁଗୋଳ,ତା.୨୧.୬:- ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଜୁଲାଇ ୪ ତାରିଖରେ ଶ୍ରୀ ଗୁଣ୍ଡିଚା ଯାତ୍ରା, ୧୨ ତାରିଖରେ ବାହୁଡା ଯାତ୍ରା ଓ ଶ୍ରୀ ଜିଉମାନଙ୍କର ସୁନାବେଶର ସୁପରିଚାଳନା ସମ୍ପର୍କରେ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ବେଦଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଆସନ୍ତା ରଥଯାତ୍ରା ଓ ଠାକୁରଙ୍କର ବିଭିନ୍ନ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି । ରଥଯାତ୍ରା ଓ ସୁନାବେଶର ସମସ୍ତ ନୀତି ନିର୍ଘଣ୍ଟ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ଓ ଶାନ୍ତି ପୂର୍ଣ୍ଣ ଭାବେ ପରିଚାଳିତ କରିବାକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ରଥଯାତ୍ରାର ସମସ୍ତ ଆନୁସଙ୍ଗିକ କାର୍ଯ୍ୟକୁ ତଦାରଖ କରି ଗୁଣ୍ଡିଚା ଯାତ୍ରାର ୨ଦିନ ପୂର୍ବରୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ଅନୁଗୋଳ ଉପଜିଲ୍ଲାପାଳଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ ରଥଯାତ୍ରାର ସୁପରିଚାଳନା ନିମନ୍ତେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରି ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପ-ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ହରିମହୁରୀ ଛକ ଠାରୁ ପି ଟି ସି ଛକ ମଧ୍ୟରେ ଯାନବାହାନ ଚଳାଚଳକୁ ନିୟନ୍ତ୍ରଣ କରିବା ସହ ରଥର ସୁରକ୍ଷା ନିମନ୍ତେ ଆବଶ୍ୟକ ପୋଲିସ ମୁତୟନ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଛି । ଏହାଛଡା ଅନୁଗୋଳ ଉଚ୍ଚବିଦ୍ୟାଳୟ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ରାସ୍ତା ମରାମତି, ଶୁଖିଲା ଗଛ ଡାଳ କାଟିବା,ଅସ୍ଥାୟୀ ଦୋକାନ ସ୍ଥାନାନ୍ତର କାର୍ଯ୍ୟ ରଥଯାତ୍ରା ପୂର୍ବରୁ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଦର୍ଶନାଭିଳାଷୀ ଭକ୍ତମାନଙ୍କୁ ମୋବାଇଲ ଭ୍ୟାନ ଯୋଗେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା,ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ପାଣି ସିଂଚନ,୩ଟି ରଥରେ ନିୟୋଜିତ ସେବାୟତ ଓ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ପାନୀୟ ଜଳ ଯୋଗାଣ,ଆଲୋକ ବ୍ୟବସ୍ଥା ତଥା ସହରକୁ ପରିଷ୍କାର ପରିଛନ୍ନ ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଷ୍ଟେଟ ବ୍ୟାଙ୍କ ତରଫରୁ ବ୍ୟାଙ୍କ ସମ୍ମୁଖରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡା ଯାତ୍ରା ୯ ଦିନ ବ୍ୟାପି ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ଠାରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ତରଫରୁ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାଛଡା ଶ୍ରୀ ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ଦିନ ରଥଯାତ୍ରାର ଧାରା ବିବରଣୀ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ରଥଟଣା କାର୍ଯ୍ୟକୁ ଶୃଙ୍ଖଳିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଯଥାକ୍ରମେ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କ ରଥଟଣା ଦାୟିତ୍ୱ ପ୍ରଦାନ କରାଯାଇଛି । ଚଳିତ ବର୍ଷ ସକାଳ ୯.୦୦ ଘଟିକା ସମୟରେ ପହଣ୍ଡି ବିଜେ, ଅପରାହ୍ନ ୧୨ ଘଟିକାରୁ ୧

ଘଟିକା ମଧ୍ୟରେ ଛେରା ପହଁରା ଓ ଅପରାହ୍ନ ୨.୩୦ ମିନିଟ୍‌ରେ ରଥଟଣା କାର୍ଯ୍ୟ ଶୁଭାରମ୍ଭ ହେବ । ଚଳିତ ବର୍ଷ ଶ୍ରୀ ଜିଉମାନଙ୍କର ରଥଯାତ୍ରା ଓ ସୁନାବେଶ ଦର୍ଶନ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ବୋଲି ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟୀ ଅଧ୍ୟକ୍ଷ ଆଶାବ୍ୟକ୍ତ କରିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ଶ୍ରୀ ବୈଦୁରା ଡିପ୍, ଅନୁଗୋଳ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ବିଶୋଇ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀର ଉପସଭାପତି ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ସଦସ୍ୟ ଶ୍ରୀ ପରମାନନ୍ଦ ମିଶ୍ର, ,ଶ୍ରୀ ଆନନ୍ଦ ଚନ୍ଦ୍ର ମହାପାତ୍ର, ଶ୍ରୀ ପର୍ଶୁରାମ ଦାସ, ଶ୍ରୀ ବ୍ରହ୍ମଜ୍ୟୋତି ମିଶ୍ର, ଶ୍ରୀ ଅଟଳ ବିହାରୀ ଦେବତା,ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆ,ଶ୍ରୀ ବିଜୟ କୁମାର ତ୍ରିପାଠୀ,ଶ୍ରୀ ଜ୍ୟୋତିରଂଜନ ନନ୍ଦ, ଶ୍ରୀ ଗଗନ ବିହାରୀ ନନ୍ଦ, ଶ୍ରୀ ସୁବୋଧ ମିଶ୍ର ଓ କିରଣବାଳା ଦାସଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



